# କାଗଜର ଫୁଲ

ତରୁଣକାନ୍ତି ମିଶ୍ର

ତମାଳ ଓ କାଠଚମ୍ପାଗଛର ଛାଇ ତଳେ ଥିଲା ସଂଜର ତରଳ ଅନ୍ଧାର ଓ ନିର୍ଜନତା । ପୁରୁଣା ସିମେଣ୍ଟ ବେଞ୍ଚଉପରେ କିଛି ଶୁଖିଲା ପତ୍ର ଓ ଫୁଲ, କିଛି କିଛି ଧୂଳି । ଯୁବକଟି ଗୋଟିଏ ହାତରେ ଧୂଳି ଝାଡିଲା, ଫୁଲପତ୍ରର ଆସ୍ତରଣକୁ ଟିକିଏ ଆଡେଇ ଦେଇ ବସିପଡିଲା ବେଞ୍ଚ ଉପରେ ।

ପାର୍କର ଏପଟକୁ ପ୍ରାୟ କେହି ଆସନ୍ତି ନାହିଁ । ଏପାଖରେ ଅନାବନା ଗଛ, ଭଙ୍ଗାବେଞ୍ଚ୍, ସଞ୍ଜ ପହରର ସହଳ ଅନ୍ଧାର । ବରଂ ଭଲ ସେପାଖର ଆଲୁଅ, ସୁନ୍ଦର ପାଦଚଲା ରାସ୍ତା, ଭଳି କି ଭଳି ଫୁଲ ଓ ଗେଟ୍ ସେପାଖର ଆଇସକ୍ରିମ୍ ଦୋକାନ ।

ସ୍ୱାତୀ କହିଥିଲା ଏଠାକୁ ପ୍ରଥମ ଆସିବା ଦିନ, ମତେ କିନ୍ତୁ ଭଲ ଲାଗୁଚି ଏ ଜାଗାଟା, ଏଇଠି ବସିବା! ଇସ୍ ତମାଳ ଫୁଲର କି ସୁନ୍ଦର ବାସ୍ନା !

କାଠଚମ୍ପାର ମଧ ବାସ୍ନା ଥିଲା, ହାଲୁକା, ମିଠା ମିଠା, ପୁରୁଣା ଦିନର ସ୍ମୃତି ଭଳି ।

- କହିଲ ସୁଚିତ୍, ତୁମକୁ କୋଉ ଫୁଲର ବାସନା ସବୁଠୁ ଭଲ ଲାଗେ!

ସ୍ୱାତୀ ପଚାରିଥିଲା, ଦିନେ ସଂଜରେ, ଏଇ ସିମେଣ୍ଟ ବେଞ୍ଚରେ ବସି ।

ଅନେକ କଠିନ ପ୍ରଶ୍ନର ସହଜ ଉତ୍ତର ଥାଏ ଅନ୍ୟ ଏକ ସଂକ୍ଷିପ୍ତ ପ୍ରଶ୍ନରେ । ସୁଚିତ୍ ପଚାରିଲା, ତୁମକୁ କଣ ଭଲ ଲାଗେ?

ସ୍ୱାତୀ କହିଥିଲା ତତକ୍ଷଣାତ୍, ରଜନୀଗନ୍ଧା । ତାପରେ କହିଥିଲା, ନା, ମତେ ବେଶି ଭଲ ଲାଗେ ଯୂଈ ଫୁଲର ବାସନା । ତୁମକୁ?

ସୁଚିତ୍ ଭାବିଥିଲା ଟିକେ ସମୟ । କହିଥିଲା, ମତେ ସବୁ ଫୁଲର ଗନ୍ଧ ଭଲଲାଗେ । ସବୁ ଅଲଗା ଅଲଗା । ଜାଣିଚ, କାଗଜ ଫୁଲର ବି ବାସନା ଥାଏ, ଅଳ୍ପ ଅଳ୍ପ ?

ସେ କିନ୍ତୁ କହି ପାରିନଥିଲା ପୃଥିବୀର ସବୁଠାରୁ ଦୁର୍ଗନ୍ଧଯୁକ୍ତ ଫୁଲର ନାମ କଅଣ । ପରଦିନ ଇଣ୍ଟରଭିଉରେ । ଟେବୁଲ୍ ସେପାଖେ ବସିଥିବା ପୃଥୁଳକାୟ ଭଦ୍ରବ୍ୟକ୍ତି ଜଣକ ଯା ଭିତରେ ତାକୁ ପଚାରି ସାରିଥିଲେ ଭାରତର ପରମାଣୁ ନୀତି ସମ୍ପର୍କରେ, ଇଥିଓପିଆର ଖାଦ୍ୟସଂକଟ, ମୌର୍ଯ୍ୟ ସମ୍ରାଜ୍ୟ ପତନର କାରଣ, ସ୍ପେସ୍ ଏଲିଭେଟର, ଲିଉ ଜିଅଓବୋଙ୍କ ଅହିଂସାନୀତି ଓ ଭାରତରେ ଫୁଟବଲ୍ ଖେଳର ଭବିଷ୍ୟତ ।

ତାପରେ ଟିକିଏ ନାକ ସିଟିକେଇ ପଚାରିଲେ, କୁହ ତ ୟଙ୍ଗମ୍ୟାନ୍, ପୃଥିବୀର ସବୁଠୁ ଦୁର୍ଗନ୍ଧଯୁକ୍ତ ଫୁଲର ନାମ କଣ!

ସୁଚିତକୁ ଜଣା ନଥିଲା ଏ ପ୍ରଶ୍ନର ଉତ୍ତର । କିନ୍ତୁ ଏତିକି ସେ ଜାଣିଥିଲା, ଫୁଲର ନାମ ଯାହା ହେଉ ନା କାହିଁକି, ସେ ଫୁଲର କିଛି କିଛି ଗନ୍ଧ ଏଇ କୋଠରୀ ଭିତରେ ହିଁ ଜମି ରହିଛି । ଏ ଦୁର୍ଗନ୍ଧରୁ ତାକୁ ମୁକ୍ତି ମିଳିବା ଦରକାର ।

ଫୁଲଟିର ନାମ ମଡା ଫୁଲ, ଆମୋର୍ଫୋଫାଲସ୍ ଟାଇଟାନମ୍ । ସଢିଆସୁଥିବା ମୂର୍ଦ୍ଦାର ପରି ଯାହାର ଗନ୍ଧ । ସ୍ୱାତୀ କହିଥିଲା, ସାଧାରଣଜ୍ଞାନ ବହି ଦେଖି ।

ଯେଉଁ ପ୍ରଶ୍ନର ଉତ୍ତର ସୁଚିତକୁ ଜଣା ନଥାଏ, ସ୍ୱାତୀ ତାହା ଖୋଜି ଖୋଜି ବାହାର କରେ କୋଉ ବହିରୁ, ବେଶ କଷ୍ଟ କରି । କିନ୍ତୁ ସେ ପ୍ରଶ୍ନ ଆଉ କେହି କେବେ ପଚାରନ୍ତି ନାହିଁ ଇଣ୍ଟରଭିଉରେ, ଯେମିତି ସେ ପ୍ରଶ୍ନର ପ୍ରାସଙ୍ଗିକତା ଆଉ ନାହିଁ ।

ସ୍ୱାତୀକୁ କିନ୍ତୁ ଏତେ କଷ୍ଟ କରିବାକୁ ପଡି ନଥିଲା ଚାକିରୀ ଖଣ୍ଡେ ପାଇବାକୁ । ଥରଟେ ଇଣ୍ଟରଭିଉରେ ତାକୁ ମିଳିଗଲା ଚାକିରୀ ଖଣ୍ଡକ, ସାଧାରଣ ଚାକିରୀ, କିନ୍ତୁ ତାର ଯୋଗ୍ୟତା ଦୃଷ୍ଟିରୁ ମନ୍ଦ ନୁହେଁ ।

ଶୁଖିଲା ପତ୍ର, ଧୂଳି ଓ ସାମାନ୍ୟ ନିର୍ଜନତାକୁ ପୋଛି ସୁଚିତ୍ ବସିପଡିଲା ବେଞ୍ଚ୍ ଉପରେ । ହାତର ଛୋଟ ଆଟାଚି ଓ ପାଣି ବୋତଲଟି ରଖିଲା ତଳେ । ଝାଳରେ ଭିଜି ଆସିଥିବା ବେକରୁ ନେକଟାଇ ଖଣ୍ଡିକ ବାହାର କରି କୋଳରେ ରଖିଲା ।

କଣ ସତରେ ଦରକାର ଏ ନେକଟାଇର, ଚାକିରୀ ଖୋଜିବାକୁ ଗଲାବେଳେ! ପ୍ରଥମ ଦୁଇଟି ଇଣ୍ଟରଭିଉରେ ସେ ନେକଟାଇ ପିନ୍ଧି ନଥିଲା, ଭାବିଥିଲା ଜିନିଷଟା ବଡ ହାସ୍ୟାସ୍ପଦ, ପିଲାଳିଆ ବି । କିନ୍ତୁ ଭାଇନା ବିରକ୍ତ ହୋଇଥିଲେ, ନେକଟାଇ ଖଣ୍ଡେ ବେକରେ ଭିଡିବୁନି ଆଉ ଇଣ୍ଟରଭିଉରେ ଯାଇ ବସିପଡିବୁ! ସେମିତି କଲେ ଜାଣିଥା ସାତଜନ୍ମରେ ବି ଚାକିରୀ ପାଇବୁନି ।

କିନ୍ତୁ ତଥାପି କିଛି ଅଧୁରା ରହିଯାଇଥିଲା । ଚାକିରୀ ନମିଳିବାରେ ।

ସ୍ୱାତୀ କହିଥିଲା, ଯୁକ୍ତି ଫୁକ୍ତି ସେମାନଙ୍କ ସାଙ୍ଗେ ଜମା କରିବନି । ଯଦି ସେମାନେ କହିଲେ ତୁମେ ଭୁଲ୍ କହୁଚ ତ ଚୁପଚାପ୍ ଶୁଣି ଦେବା ହିଁ ଭଲ । ତୁମେ ପଛକେ ଠିକ୍ କହିଥାଅ । ଶୁଣ ମୋକଥା, ତୁମେ ସେଠିକି ଡିବେଟିଙ୍ଗ୍ କରିବାକୁ ଯାଉନ । ତୁମର ଖଣ୍ଡେ ଚାକିରୀ ଦରକାର । ବାସ୍ ସେତିକି !

ବାସ୍ ସେତିକି ନୁହେଁ । ସମସ୍ୟା ଅଛି ଢେର୍ । ଭାବ ସେମାନେ ପଚାରିବେ, ଆନ୍ନା ହଜାରେ କଣ ଠିକ୍ କାମ କଲେ, ପାର୍ଲିଆମେଣ୍ଟର ସାମ୍ବିଧାନିକ ମର୍ଯ୍ୟାଦାକୁ ଏପରି ଚାଲେଞ୍ଜ୍ କରି? କଣ ତାର ଉତ୍ତର? ଠିକ୍ ଉତ୍ତର ଅବଶ୍ୟ ଜଣା ଅଛି ତାକୁ, କିନ୍ତୁ ତାହା କଣ ବାଞ୍ଛିତ ଉତ୍ତର ଇଣ୍ଟରଭିଉ ରୁମରେ!

ସୁଚିତ୍ ପୁଣି ହାତ ଘଣ୍ଟା ଦେଖିଲା । ସମୟ ଲୁଚୁକାଳି ଖେଳୁଥିଲା ଅନ୍ଧାର ଭିତରେ । ଚିହ୍ନା ଦେଲାନାହିଁ ।

ଭୋକ ଲାଗୁଥିଲା ଅନେକ ବେଳୁ । ସେଇ ସକାଳେ ଘରୁ ବାହାରିବା ଆଗରୁ ପାଉଁରୁଟି ଡାଲମା ଖାଇ ବାହାରିଥିଲା । କାଲି ରାତିର ଡାଲମା । ପଅରିଦିନର ପାଉଁରୁଟି । ଏତେ ସକାଳେ ଭାଉଜ ଜଳଖିଆ କରି ପାରନ୍ତି ନାହିଁ ।

ବୋଉ ଲୁଚେଇକରି ଦଶଟଙ୍କା ଦେଇଥିଲା ହାତରେ । କିନ୍ତୁ ସେ ଖର୍ଚ୍ଚ କରିନାହିଁ । ବୋଉର ରୁମା ଅଏଲ୍ କାଲିଆଡକୁ ସରିଯିବ । ଭାଇନା ସବୁଥର ପରି ଭୁଲିଯିବେ ନୂଆଟେ ଆଣିବାକୁ । ରାତିରେ ବୋଉ ଶୋଇପାରିବ ନାହିଁ ।

-ଚାକିରୀ କଲାପରେ ମୁଁ ବୋଉକୁ ପାଖରେ ଆଣି ରଖିବି । ଦିନେ କହିଥିଲା ସୁଚିତ୍ ।

ସ୍ୱାତୀ କହିଥିଲା, ହଁ, ଅବଶ୍ୟ ଯଦି ତୁମେ ରାଉରକେଲାର ସେଇ ଚାକିରୀଟା ପାଅ । କିନ୍ତୁ ତା ନହେଇ ଯଦି କୋରାପୁଟର ଚାକିରୀ ଖଣ୍ଡକ ମିଳିଲା ! ବୋଉ କଣ ସେଠି ଚଳିପାରିବେ!

– ତେବେ ସେ ତମ ପାଖେ ରହିବ!

ସ୍ୱାତୀ ସାମାନ୍ୟ ଆଶ୍ଚର୍ଯ୍ୟ ଆଖିରେ ଚାହିଁଥିଲା ସୁଚିତକୁ । କିଛି କହିନଥିଲା । ସୁଚିତ୍ ବି ଥିଲା ନୀରବ । କେତୋଟି ମୁହୂର୍ତ୍ତର ନୀରବତା ତମାଳବଣରେ ଲୀନ ହୋଇଗଲା ।

ତିନି ବର୍ଷ ବିତିଗଲା, ଏକ ଅନୁଚ୍ଚାରିତ ଅଙ୍ଗୀକାରର ଶୁଭଲଗ୍ନ ଅପେକ୍ଷା କରି କରି । କିନ୍ତୁ ସେ ସମୟ ଏଯାଏ ଆସିନାହିଁ । ବାପା କହିଥିଲେ, ତୁ ଯାହା ଭଲ ଭାବୁଚୁ କର, କିନ୍ତୁ ମନେରଖ ତୋ ତଳେ ତିନି ଭଉଣୀ ଅଛନ୍ତି । ଆଉ ମୋର ରିଟାୟରମେଣ୍ଟ ରହିଲା ଚାରି ବର୍ଷରୁ କମ୍ ।

ସ୍ୱାତୀକୁ ଅପରାଧୀ ଅପରାଧୀ ଲାଗିଥିଲା । ସେ କଣ ଠିକ୍ କରୁଚି! ନିଜ ସୁଖ ହିଁ ତା ପାଇଁ ସବୁଠୁ ବଡ, ଅନ୍ୟର ବି ତ କିଛି ପ୍ରତ୍ୟାଶା ରହିଚି ଜୀବନରେ!

ସୁଚିତ୍ ଏ କଥା ଶୁଣି କିଛି କହିନଥିଲା ସ୍ୱାତୀକୁ ପ୍ରତ୍ୟୁତ୍ତରରେ । ଭାବିଥିଲା, ଅପରାଧୀ ଯଦି କେହି ଥାଏ, ତ ସେ ନିଜେ ହିଁ ।

-ତୁମ ପାଇଁ ଗୋଟେ ଭଲ ଜିନିଷ ଆଣିଚି । ଦେଖିବ!

ଗୋଟିଏ ରଙ୍ଗୀନ ପ୍ୟାକେଟ୍ ସ୍ୱାତୀ ସେଦିନ ବଢାଇ ଦେଇଥିଲା ସୁଚିତର ହାତକୁ । ତା ଭିତରେ ଥିଲା ଚମତ୍କାର ଶାର୍ଟ୍ ଓ ଖଣ୍ଡେ ଟାଇ ।

-କାହିଁକି ଏତେ ପଇସା ଅଯଥାରେ ଖର୍ଚ୍ଚ କଲ! ପ୍ରଥମ ମାସର ଦରମା, ବାପାଙ୍କୁ ଦେଇଥାଆନ୍ତ, ଖୁସି ହୋଇ ଥାଆନ୍ତେ!

-ସମସ୍ତଙ୍କ ପାଇଁ ଆଣିଛି । ତେବେ ତୁମ କଥା ଅଲଗା ।

ସୁଚିତ୍ ସ୍ୱାତୀର ମୁହଁକୁ ଚାହିଁଥିଲା । ଦେଖିବାକୁ ଏମିତି ଅପୂର୍ବ ସୁନ୍ଦର ନୁହେଁ ଝିଅଟି । ଶ୍ୟାମଳ ବର୍ଣ୍ଣ । ଉଚ୍ଚତା ବେଶି ନୁହେଁ । ନାକଟି ଆଉ ଟିକେ ସୁନ୍ଦର ହୋଇ ପାରି ଥାଆନ୍ତା । ତଳ ଓଠ ବି । ତା ସତ୍ତ୍ୱେ କଣ ଏମିତି ରହିଚି ଏ ଝିଅଟି ଭିତରେ, ଯାହା ଭିଜେଇ ଦିଏ ମନକୁ! ଲାଗେ, ମୋ ଭିତରର  କିଛି ଗୋଟେ ମୋ ଠାରୁ ଅଲଗା ହୋଇ ରହିଚି, ଅବଶ୍ୟ ସାମୟିକ ପାଇଁ । ଦିନେ  ସେ ଫେରି ଆସିବ ମୋ ଭିତରକୁ । ମତେ ପରିପୂର୍ଣ୍ଣ କରିଦେବ ।

ସେ ଦିନ ଯେମିତି ଫେରିବାର ନଥିଲା ।

ଡାକ୍ତର କହିଲେ, ଆଉ ଦୁଇ ତିନିଟା ଟେଷ୍ଟ୍ ଦରକାର । ଘରେ ଆଉ କିଏ ଅଛନ୍ତି! ଆର୍ ଇୟୁ ମ୍ୟାରେଡ୍?

ନା ସେ ବାହା ହୋଇନାହିଁ, ଘରେ ବି ଏମିତି କେହି ନାହାନ୍ତି ପରାମର୍ଶ କରିବା ପାଇଁ, ସେ କହିଥିଲା ଡାକ୍ତରଙ୍କୁ, ପଚାରିଥିଲା ଆଉ କଣ ଟେଷ୍ଟ୍ କରିବା କଥା, କେଉଁ ପାଥୋଲୋଜିଷ୍ଟଙ୍କ ପାଖେ ।

ରିପୋର୍ଟ୍ ମିଳିଲା ଆଜି, ଟିକିଏ ଆଗରୁ, ଡାକ୍ତର ବି ଦେଖିସାରିଛନ୍ତି ସେ ରିପୋର୍ଟ୍ ।

ଭାରି ଶୋଷ ଲାଗୁଥିଲା । ସୁଚିତ୍  ଦେଖିଲା ପାଣି ବୋତଲକୁ, ପାଣି ଅଳ୍ପ ଅଛି । ଶୋଷ ମେଣ୍ଟିବ ନାହିଁ । ପାଖରେ ଅବଶ୍ୟ ଅଛି ପାଣି ଟ୍ୟାପ୍, ବାହାରେ ଥଣ୍ଡା ସରବତ୍ ଦୋକାନ ।

ସୁଚିତ୍ ଦି ଢୋକରେ ନିଃଶେଷ କରିଦେଲା ପାଣି ବୋତଲଟି ।

ପେଟ ଭିତରେ ବେଳେ ବେଳେ ଭାରି ଘାଣ୍ଟି ହୁଏ । କଷ୍ଟ ଲାଗେ । ଟିକିଏ ପରେ ସବୁ ସ୍ୱାଭାବିକ ।

... ଅବେଳାରେ ଖାଉଚ ବୋଲି, ପୁଣି ଖାଉଚ ଗୁଡେ ଏଣୁ ତେଣୁ ଜିନିଷ, ଯୋଉଠି ଯାହା ମିଳିଲା । ଏମିତି ବେଶିଦିନ ଚାଲିବନି, ସାବଧାନ ହୁଅ ଟିକିଏ ।

କହିଥିଲା ସ୍ୱାତୀ, ସୁଚିତର ଉପସର୍ଗ ଶୁଣିସାରି ।

ଡାକ୍ତର କିନ୍ତୁ ଗମ୍ଭୀର ହୋଇ ଯାଇଥିଲେ । ପଚାରିଥିଲେ ଗୋଟିଏ ଦିଇଟା କଥା । ତାପରେ କହିଥିଲେ, କେତେଟା ଟେଷ୍ଟ୍ କରିବାକୁ ପଡିବ ।

ବୋଉ ଦି ଦିନ ତଳେ ଝରଝର୍ କାନ୍ଦି ପକେଇଥିଲା, କେହି ଦେଖି ନାହାନ୍ତି, ସୁଚିତ୍ ଛଡା । ଦିହିପହର ବେଳେ ସେ ଡେରିରେ ଭାତ ଖାଇ ବସିଥିଲା, ଗୋଟିଏ ଇଣ୍ଟରଭିଉରୁ ଫେରି । ଘର କାମଦାମ ସାରି ଭାଉଜ ଟିକେ ଶୋଇଥିଲେ, ସେ ନିଜେ ଭାତ ବାଢି ଖାଇଥିଲା, ଭାତ ଡାଲି ସହିତ ଭେଣ୍ଡି ଭଜା । ବୋଉ କହିଲା, ଇଲିଶି ମାଛ?

ଇଲିଶି ମାଛ ନଥିଲା, ଯେମିତି ଅନ୍ୟ ଦିନମାନଙ୍କରେ ନଥାଏ ଛତୁବେସର, ଚିଲି ପନୀର୍ କିମ୍ବା ଖଜୁରୀ ଖଟା ।

ବୋଉ କିଛି କହିନଥିଲା, କାରଣ କିଛି କହିବାର ଅଧିକାର ସେ ହଜାଇ ଦେଇଛି କେବେଠୁଁ, ସେ ଖାଲି ଝରଝର କେଇ ଟୋପା ଲୁହ ଢାଳି ଆଉଁସି ଦେଇଥିଲା ସୁଚିତର ମଥାକୁ ।

: ମୋର ବହୁତ ଡେରି ହୋଇଗଲା ଆଜି । ତୁମେ କେତେବେଳଠୁ ଆସିଲଣି!

ସ୍ୱାତୀ ଧଇଁ ସଇଁ ହୋଇଯାଇଥିଲା, ବାଟରେ ଆସୁ ଆସୁ, ସେ ବେଞ୍ଚରେ ବସିପଡି ନିଃଶ୍ୱାସ ମାରିଲା, ଓଢଣିରେ ମୁହଁ ପୋଛିଲା । ତା ଦେହର ହାଲୁକା ଝାଳଗନ୍ଧ ସହିତ ତମାଳ ଫୁଲର ବାସ୍ନା ଏକ ଓ ଅଭିନ୍ନ ହୋଇଗଲା ।

ତରତର ହାତରେ, ଯେମିତି ସମୟର କଣ୍ଟ ରହିଚି, ସ୍ୱାତୀ ଫିଟାଇ ଲାଗିଲା ଗୋଟିଏ କାଗଜଠୁଙ୍ଗା ।

: ଚିକେନ୍ ରୋଲ୍! ଅଫିସ୍ କାଣ୍ଟିନରୁ ଆଣିଚି, ଚାଖିଲ!

ଥରଟିଏ, ସହରର କୌଣସି ରେସ୍ତୋରାଁରେ  ସ୍ୱାତୀ ସାଙ୍ଗରେ ସୁଚିତ୍ ଚିକେନ୍ ରୋଲ୍ ଖାଇଥିଲା । ମନେ ପଡୁଚି, ସେଦିନ ଥିଲା ସୁଚିତର ଜନ୍ମଦିନ । ଭଲ ଲାଗିଥିଲା ପାଟିକୁ, ସୁଚିତ୍  ପସନ୍ଦ କରିଥିଲା, ପୁଣି କହିଥିଲା ବି, ଯେ ଭାରି ଗରିଷ୍ଠ ଖାଦ୍ୟ,ହଜମ କରିବା କଷ୍ଟ ।

: ନିଅ, ଆଣିଲା ବେଳକୁ ଗରମ ଥିଲା, ଏବେ ବି ଚଳିବ ।

ସ୍ୱାତୀ ଗୋଟେ କାଗଜ ପ୍ଲେଟ ବଢାଇଦେଲା ।

ଗରିଷ୍ଠ ଖାଦ୍ୟ କେତେଦିନ ଏବେ ଖାଇବେ ନାହିଁ, ଲଙ୍କା, ତେଲ, ମାଛ କି ମାଂସ, ଏ ସବୁ ନଖାଇଲେ ହିଁ ଭଲ । ଯଥେଷ୍ଟ ପରିବା ଖାଇବେ, ଆଉ ପାଣି ପ୍ରଚୁର । କହିଥିଲେ ଡାକ୍ତର ବାବୁ, ପୁଣି କହିଥିଲେ, ଆଚାର୍ଯ୍ୟ ହରିହର ଇନଷ୍ଟିଚ୍ୟୁଟକୁ ଯାଇପାରନ୍ତି, କିନ୍ତୁ ଭଲ ହେବ ସିଧା ଟାଟା ମେମୋରିଆଲକୁ ଚାଲିଗଲେ । ବମ୍ବେରେ କିଏ ଜଣାଶୁଣା ଅଛନ୍ତି?

: ଭଲ ଲାଗୁଚି ତ ! କିନ୍ତୁ କଣ ଦରକାର ଏମିତି ବଦଖର୍ଚ୍ଚ କରିବା ! ରୋଲରୁ କଳେ ପାଟିରେ ରଖି କହିଥିଲା ସୁଚିତ ।

: ବଦଖର୍ଚ୍ଚ କଣ! ତମ ପାଇଁ ଯାହା ଖର୍ଚ୍ଚ କଲେ ବି ବଦଖର୍ଚ୍ଚ ନୁହେଁ!

ବେଶ ଉପଭୋଗ କରୁଥିଲା ସ୍ୱାତୀ ଚିକେନ୍ ରୋଲର ସ୍ୱାଦକୁ, ଆଖି ଅଳ୍ପ ବୁଜି, ଛୋଟ ପିଲାଙ୍କ ପରି ଦୁଇ ଗୋଡ ହଲେଇ ହଲେଇ ।

ଦୁଇଟି ଜୁସ୍ ପ୍ୟାକରୁ ଗୋଟିଏ ସେ ବଢାଇଦେଲା ସୁଚିତ୍ ହାତକୁ, କହିଲା: ବାପାଙ୍କ ସାଙ୍ଗେ କଥା ହେଲି ଆଜି ସକାଳେ । ଆମ ବାହାଘର ବିଷୟରେ ।

: କଣ କଥା ହେଲ!

ସ୍ୱାତୀ ଜାଣିଲା ନାହିଁ କିଭଳି ନିରାସକ୍ତ ଥିଲା ସୁଚିତର ସ୍ୱର ।

ସ୍ୱାତୀ କହିଲା, ବାପାଙ୍କୁ କହିଲି ତୁମର ଏବେ ଚାକିରୀ ହୋଇ ଯାଇଚି, ଖାଲି ଜଏନ୍ କରିବା କଥା । ଏଥର ବାହାଘର ଯେବେ ଠିକ୍ କଲେ ବି ଚଳିବ । ଡିସାଇଡ୍ ହେଲା ଆମ ବାହାଘର ହେବ ନଭେମ୍ବରରେ, ମିତୁ ଛବି ଦିହିଙ୍କର ଏକାଠି ହେବ ଫେବୃଆରୀରେ ।

ଚମକି ପଡିଲା ସୁଚିତ୍, ଅଳ୍ପ ଅଳ୍ପ ଅନ୍ଧାର ଭିତରେ ସ୍ୱାତୀର ନରମ ଓଠ ଛୁଇଁଦେଲା ତାର କାନମୂଳକୁ । ସ୍ୱାତୀ ଭାରି କଞ୍ଜରଭେଟିଭ୍ ଝିଅଟିଏ, ଭାରି ଯତ୍ନରେ ଲୁଗାପଟା ପିନ୍ଧେ, କଥା କୁହେ ମାପିଚୁପି । କିନ୍ତୁ ସୁଚିତ୍ ସହିତ କେବେକେବେ ସେ ଅଲଗା ଆଚରଣ କରେ, ବେଳେବେଳେ ଛୋଟପିଲାଙ୍କ ପରି ବି!

ଭିତରେ କୋଉଠି କଷ୍ଟ ହେଲା । ଛାତି ଭିତରେ? କ୍ଷୟିଷ୍ଣୁ ଜଠର ଭିତରେ?

ବ୍ରିଫକେଶ୍ ଭିତରେ ରହିଚି ଗୋଛାଏ କାଗଜ, ନାନା ହସ୍ତାକ୍ଷରରେ, ନାନା ପରିମିତିରେ । କିନ୍ତୁ ଗୋଟିଏ କଥା ହିଁ ଲେଖା ଅଛି ସବୁଥିରେ: ଡେରି ହୋଇଯାଇଛି, ଆଉ ବିଳମ୍ବ କରିବା ଉଚିତ ହେବ ନାହିଁ ।

କେତେ ଡେରି? ସୁଚିତ ଅନ୍ୟମନସ୍କ ହୋଇ ହାତ ଘଣ୍ଟାକୁ ଦେଖିଲା, ସମୟ ନିଶ୍ଚିହ୍ନ ହୋଇଯାଇଛି ଅଂଧାର ଭିତରେ ।

ସ୍ୱାତୀ କହିଲା, କିଏ କାନ୍ଦୁଚି ନା କ'ଣ, କାହାର କାନ୍ଦ ଶୁଭୁଚି ବାଉଁଶବଣ  ସେପାଖରୁ!

ପଛପଟେ ବାଉଁଶ ବଣ, ତାକୁ କିଏ ସଫା କରିବ, ମ୍ୟୁନିସିପାଲିଟି ନା ଜଙ୍ଗଲ ବିଭାଗ, ଏ ବିବାଦ ତୁଟି ପାରିଲା ନାହିଁ ଏ ପର୍ଯ୍ୟନ୍ତ ।

ସୁଚିତ କହିଲା: କେହି କାନ୍ଦୁ ନାହିଁ, ପବନର ନିଃଶ୍ୱାସ । ମଣିଷ କାନ୍ଦିବାପାଇଁ ଢେର୍ ଜାଗା ଅଛି ସଂସାରରେ ।

: କେହି କାନ୍ଦିଲେ ମତେ ଭାରି ଖରାପ ଲାଗେ । ଏଇଥିପାଇଁ ଯେ ମୁଁ କିଛି ତାର କରିପାରୁନାହିଁ । ସ୍ୱାତୀ କହିଲା । ତାର ସ୍ୱର ଶୁଭୁଥିଲା ଭାରି ଭାରି, ସାର ଦିନର କ୍ଲାନ୍ତି ପରେ ।

: ମୁଁ କାଲି ବମ୍ବେ ଯାଉଚି । ଧୀରଗଳାରେ କହିଥିଲା ସୁଚିତ୍, ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକୁ ମନେ ପକାଇ ଦେବାପରି ।

: ବମ୍ବେ! କଣ ଡାକରା ଆସିଗଲା ନା କଣ? ଟାଟା ମିନେରାଲସରୁ!

ସୁଚିତ୍ ଚମକି ପଡିଲା । ଟାଟା ମେମୋରିଆଲ୍! ସ୍ୱାତୀ ଏ କଥା ଜାଣିଲା କିପରି!

: ଖରାପ କିଛି ନୁହେଁ, ବୁଝିଲ! ଟାଟା କମ୍ପାନୀର ରେପୁଟେସନ୍ ଭଲ, ଯାହା ବି କୁହ!

ସୁଚିତର ମନେ ପଡିଲା, ତିନି ମାସ ତଳେ ସେ ଦରଖାସ୍ତ ଖଣ୍ଡେ କରିଥିଲା ଟାଟା ମିନେରାଲସକୁ, ବମ୍ବେର ଗୋଟେ ଚାକିରୀ । ସ୍ୱାତୀର ମନରେ ଅଛି, ସେ ଭୁଲି ନାହିଁ!

: ଶୁଣ, ତମେ ସେଠି ଜଏନ୍ କରିଦିଅ । ବମ୍ବେ ବି ତ ଭଲ ଜାଗା । ... କେବେ ପୁଣି ଆସିବ?

ସାମାନ୍ୟ ଅନ୍ୟମନସ୍କ ଓ ଧିମା ଥିଲା ସୁଚିତର ସ୍ୱର । ସେ କହିଲା, ଏବେଠୁ କହିବା କଷ୍ଟ । ଦେଖିବା ସେମାନେ କେବେ ରାଜି ହେଉଛନ୍ତି ମତେ ଛାଡିବାକୁ!

ଜୁସ୍ ପ୍ୟାକରୁ ଶେଷ ଟୋପା ଜୁସ୍ ଶୋଷିବାକୁ ଚେଷ୍ଟା କରୁଥିଲା ସ୍ୱାତୀ, ଚୁକ୍ ଚୁକ୍ ଶବ୍ଦ କରି । ହାଲୁକା ଅନ୍ଧାର ଭିତରେ, ଏ ପୃଥିବୀର ନିହାତି ସାଧାରଣ, ଅକିଞ୍ଚନ ଝିଅଟି ଏବେ ଦିଶୁଥିଲା ଅନନ୍ୟା, ସବୁଠାରୁ ଅଲଗା ।

ସୁଚିତ ତା ଆଡକୁ ଚାହିଁଲା କେତୋଟି ମୁହୂର୍ତ୍ତ । ତାପରେ ସେ ଭିଡି ଧରିଲା ସ୍ୱାତୀକୁ ତାର ଛାତିରେ, ତାର ବିସ୍ମିତ ଅଧରରେ ଚୁମା ଦେଲା, ଏତେବେଳ ଯାଏ ଭୁଲିଯାଇଥିବା ଶୋଷରେ କାତର ହୋଇଗଲାଭଳି ।

ସ୍ୱାତୀର ଆଖିରେ ସେତେବେଳେ କାହିଁକି ଟୋପେ ଲୁହ ଥିଲା, ସେ ପ୍ରଶ୍ନ ସୁଚିତ କେବେ ଦିନେ ପଚାରିବା ଦରକାର ପଡିବ ନାହିଁ ।

137, ଲୁଇସ୍ ରୋଡ୍

ଭୁବନେଶ୍ୱର